بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୪ ଫେବୃଆରୀ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ଖୈବର୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ଖୈବର୍ ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ଏବେ ଖୈବର୍‌ର ଅନ୍ୟ ଦୁର୍ଗଗୁଡ଼ିକୁ ମୁସଲମାନମାନେ ଜୟ କରିବାର ଘଟଣା ଚର୍ଚ୍ଚା କରିବି । ଦ୍ୱିତୀୟ ଦୁର୍ଗ ଯାହାକି ସଆବ୍ ବିନ୍ ମାଜ୍ ନାମରେ ଅଭିହିତ । ସେହି ଦୁର୍ଗରେ ଖୈବର୍‌ର ଅନ୍ୟ ଦୁର୍ଗ ଅପେକ୍ଷା ଅଧିକ ଖାଦ୍ୟ ପଦାର୍ଥ, ପଶୁ ଓ ସାମଗ୍ରୀମାନ ରହିଥିଲା । ସେଥିରେ ୫୦୦ ଜଣ ଧୁରନ୍ଧର ଯୋଦ୍ଧା ରହିଥିଲେ । ମୁସଲମାନମାନେ ସେହି ଦୁର୍ଗକୁ ଘେରାଉ କରିନେଲେ କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ । ଅତଃ ସାହାବାଗଣ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ ସେବାରେ ଉପସ୍ଥିତ ହୋଇ ଭୀଷଣ କ୍ଷୁଧା ଜନିତ ଉତ୍ପୀଡ଼ନ ସଂକ୍ରାନ୍ତରେ ଅବଗତ କଲେ । ଏଥିରେ ହୁଜୁର[ସ.ଅ] କହିଲେ; ସେହି ପରମ ସତ୍ତାଙ୍କ ରାଣ ଯାହାଙ୍କ ହାତ ମୁଠାରେ ମୋର ଜୀବନ ନାଟିକା ରହିଛି, ମୋ ନିକଟରେ ତ (ଖାଇବା ପାଇଁ) କିଛି ହେଲେ ନାହିଁ । ଯଦ୍ୱାରା ମୁଁ ତୁମମାନଙ୍କୁ ଶକ୍ତି ପ୍ରଦାନ କରିପାରିବି । ସେଥିଅନ୍ତେ ଆପଣମାନେ ଏହି ଦୁଆ ପ୍ରାର୍ଥନା କଲେ ହେ ପ୍ରଭୁ! ଏମାନଙ୍କ ସକାଶେ ସେହି ଦୁର୍ଗ ଜୟ କରାଇ ଦିଅ, ଯାହାକି ଆହର ଓ ଚର୍ବିରେ ପରିପୂର୍ଣ୍ଣ । ତା'ପରେ କିଛି ସାହାବା ଓ ୟହୁଦିଙ୍କ ମଧ୍ୟରେ ଲଢ଼େଇ ହେଲା । ସେମାନଙ୍କ ମଧ୍ୟରୁ ଜଣେ ସାହାବି ନିଜ ପ୍ରତିଦ୍ୱନ୍ଦି ୟହୁଦିର ମୁଣ୍ଡକୁ ପ୍ରହାର କରି ନାରା ଲଗାଇଲେ । ଏଥିରେ ସାହାବା କହିଲେ; ଆଙ୍କର ତ ଜିହାଦ୍ ନିଷ୍ଫଳ ହେଲା । ଅର୍ଥାତ ଜାତୀୟ ସ୍ୱର ଉତ୍ତୋଳନ କରି ସେ ଯେଉଁ ଗର୍ବ କରିଛନ୍ତି, ନିଜର ଗରିମା ବଖାଣିଛନ୍ତି ତାହା ଠିକ୍ ନୁହେଁ । ଯେତେବେଳେ ପୁଣ୍ୟଶ୍ଲୋକ ସ.ଅ.ଙ୍କୁ ଏହି ସୂଚନା ମିଳିଲା ସେତେବେଳେ ନବୀଶ୍ରେଷ୍ଠ କହିଲେ; କିଛି କଥା ନୁହେଁ! ତାଙ୍କୁ ଏହାର ପ୍ରତିଫଳ ମିଳିବ ଏବଂ ତାଙ୍କର ପ୍ରଶଂସା ମଧ୍ୟ କରାଯିବ । ଅର୍ଥାତ୍ ଏପରି ପରିସ୍ଥିତିରେ ଯଦି କେହି ଏପରି କୌଣସି ଆଚରଣ କରିଦିଅନ୍ତି ତେବେ କୌଣସି ଖରାପ କଥା ନୁହେଁ ।

ହଜରତ ମୁହମ୍ମଦ ବିନ୍ ମୁସେଲ୍ଲମାଃ ବର୍ଣ୍ଣନା କରନ୍ତି, ମୁଁ ମହାଭାଗଙ୍କୁ ଦେଖିଲି ଆପଣ ତୀର ଚାଳନା (ଅଭ୍ୟାସ) କରୁଥିଲେ ଏବଂ ଆପଣଙ୍କର ଗୋଟିଏ ହେଲେ ମଧ୍ୟ ତୀର ଲକ୍ଷ ଭେଦ କରିବାରୁ ବ୍ୟର୍ଥ ଗଲା ନାହିଁ । ସେଥିଅନ୍ତେ ପୁଣ୍ୟଶ୍ଲୋକ ମୋ ଆଡ଼କୁ ଚାହିଁ ସ୍ମିତ ହାସ୍ୟ ପ୍ରକାଶ କଲେ । ହଜରତ ହବାବ୍ ବିନ୍ ମୁନ୍‌ଜିର ନିଜ ସୈନିକମାନଙ୍କ ସହିତ (ଦୁର୍ଗ) ଭିତରକୁ ପ୍ରବେଶ କରି ଭୀଷଣ ସଂଗ୍ରାମ କଲେ ଏବଂ ଶେଷରେ ତାହାକୁ ଜୟ କରିନେଲେ, ଆଉ ସମସ୍ତ ଖାଦ୍ୟଶସ୍ୟ ଅଧିକୃତ କରିନେଲେ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ ଘୋଷଣାକାରୀ ଘୋଷଣା କଲେ ନିଜେ ଖାଅ ଏବଂ ନିଜ ପଶୁମାନଙ୍କୁ ମଧ୍ୟ ଖୁଆଅ । କିନ୍ତୁ ସାଥିରେ କିଛି ନେଇଯାଅ ନାହିଁ ।

ତା'ପରେ ତୃତୀୟ ଦୁର୍ଗ ଜୁବେର୍‌କୁ ଜୟ କରିବାର ବର୍ଣ୍ଣନା ରହିଛି । ଯେତେବେଳେ ୟହୁଦିମାନେ ସାଆବ୍ ଦୁର୍ଗ ଓ ନାଆମ୍ ଦୁର୍ଗରୁ ବାହାରି ଜୁବେର୍ ଦୁର୍ଗ ଆଡ଼କୁ ପଳାୟନ କଲେ ସେତେବେଳେ ହୁଜୁର[ସ.ଅ] ସେମାନଙ୍କର ଘେରାଉ କରିନେଲେ । ଉକ୍ତ ଦୁର୍ଗଟି ପର୍ବତର ଶିଖରରେ ଅବସ୍ଥିତ ଥିଲା । ମହାଭାଗ ତିନିଦିନ ପର୍ଯ୍ୟନ୍ତ ତାହାକୁ ଘେରାଉ କରି ରଖିଲେ, ତଥାପି କୌଣସି ସୁଫଳ ମିଳିଲା ନାହିଁ । ଜଣେ ୟହୁଦି ମହାଭାଗଙ୍କ ସେବାରେ ଉପସ୍ଥିତ

ହୋଇ ତାହାକୁ ସୁରକ୍ଷା ଦେବା ସର୍ତ୍ତରେ ୟହୁଦିଙ୍କର କିଛି ତ୍ରୁଟି (ସୁରାଗ)ର ସୂଚନା ଦେଇ କହିଲା; ଯଦି ଆପଣ ଏପରି ମାସେ ପର୍ଯ୍ୟନ୍ତ ଘେରାଉ ଜାରି ରଖନ୍ତି ତେବେ ମଧ ସେମାନଙ୍କୁ କୌଣସି ଫରକ୍ ପଡ଼ିବ ନାହିଁ । କାରଣ ଦୁର୍ଗରେ ଗୁପ୍ତ ସୁଡଙ୍ଗ ରହିଛି ଯାହା ମଧ ଦେଇ ସେମାନେ ରାତ୍ର ବେଳା ବାହାରକୁ ବାହାରୁଛନ୍ତି ଏବଂ ଜଳ ସଂଗ୍ରହ କରି ଦୁର୍ଗରେ ପୁନଃ ପ୍ରବେଶ କରି ଯାଉଛନ୍ତି । ଯଦି ଆପଣ ସେମାନଙ୍କ ଜଳ ପ୍ରବାହର ମାର୍ଗକୁ ବନ୍ଦ କରିଦେବେ ତେବେ ସେମାନେ ଆତ୍ମସର୍ମପଣ କରିଦେବେ । ବସ୍ତୁତଃ ହୁଜୁର[ସ.ଅ] ସେମାନଙ୍କ ଜଳ ପ୍ରବାହର ମାର୍ଗ ଅବରୋଧ କରିଦେଲେ । ଯେତେବେଳେ ଶତ୍ରୁ ପକ୍ଷକୁ ପାନୀୟ ମିଳିଲା ନାହିଁ ସେତେବେଳେ ସେମାନେ ପଦାକୁ ବାହାରି ଆସିଲେ ଏବଂ ଉଭୟ ପକ୍ଷ ମଧରେ ଘମାଘୋଟ ଲଢ଼େଇ ଆରମ୍ଭ ହୋଇଗଲା । ସେଦିନ କିଛି ସାହାବା ମଧ ବୀରଗତି ପ୍ରାପ୍ତ କଲେ ଏବଂ ଅପରପକ୍ଷରୁ ଅର୍ଥାତ୍ ୟହୁଦିମାନଙ୍କ ମଧରୁ ଦଶଜଣ ବ୍ୟକ୍ତି ନିହତ ହେଲେ । ତହୁଁପରେ ନବୀଶ୍ରେଷ୍ଠ [ସ.ଅ]ଙ୍କୁ ବିଜୟ ଲାଭ ହେଲା । ତତ୍‌ପଶ୍ଚାତ ପୁଣ୍ୟଶ୍ଳୋକ ଶକ୍ ଦୁର୍ଗ ଅଭିମୁଖେ ପ୍ରସ୍ଥାନ କଲେ ।

ସେଠାରେ ୟହୁଦିମାନଙ୍କ ସରଦାର ସଲାମ୍ ବିନ୍ ମୁଶକମ୍ ନିହତ ହୋଇଥିବାର ବର୍ଣ୍ଣନା ମିଳେ । ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି, ସେ ବ୍ୟାଧିଗ୍ରସ୍ତ ଥିଲା ଏବଂ ଏହି କାରଣରୁ ଯୁଦ୍ଧରେ ଅଂଶ ଗ୍ରହଣ କରି ନଥିଲା । ତାହାର ସାଥୀମାନେ ତାହାକୁ ପରାମର୍ଶ ଦେଲେ କି ସେ ଅନ୍ୟ କେଉଁ ଆଡ଼େ ଚାଲିଯାଉ । କିନ୍ତୁ ସେ ତାଙ୍କର ସେହି ପ୍ରସ୍ତାବକୁ ସ୍ୱୀକାର କଲା ନାହିଁ ଏବଂ ଶେଷରେ ମୁସଲମାନମାନଙ୍କ ହସ୍ତରେ ନିହତ ହେଲା । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯଦି ତାହାର ବ୍ୟାଧିରେ ଆକ୍ରାନ୍ତ ହେବା ଖବର ସଠିକ୍ ମଧ ହୋଇଥାଏ ଏବଂ ସେ ଯୁଦ୍ଧରେ ପ୍ରତ୍ୟକ୍ଷରେ ସାମିଲ ହୋଇ ନଥିଲା ତେବେ ସୁଦ୍ଧା ତାହାର ବଧ ହେବା ଆପତ୍ତିଜନକ ନୁହେଁ । କାରଣ ସେ ନିଜ ସୈନ୍ୟସାମନ୍ତଙ୍କୁ ମୁସଲମାନମାନଙ୍କ ସହିତ ସଂଘର୍ଷ କରିବାକୁ ପ୍ରସ୍ତୁତ କରିବା ସହିତ ସ୍ୱୟଂ ସେନାର ତତ୍ତ୍ୱାବଧାନ ଓ ନିରୀକ୍ଷଣ କରୁଥିଲା, ସମ୍ଭବତଃ ଇତ୍ୟାବସରରେ କୌଣସି ମୁସଲମାନ ସୈନିକ (ସାହାବା) ତାହାକୁ ନିହତ କରିଦେଲେ । ସେନାରେ ସେନାଧକ୍ଷର ଗୁରୁତ୍ୱ ଢ଼େର ଅଧିକ ରହିଥାଏ ଏବଂ ସରଦାର ନିହତ ହୋଇଗଲେ ସମ୍ପୂର୍ଣ୍ଣ ସେନା ବାହିନୀର ମନବଳ ଭୁଶୁଡ଼ି ପଡିଥାଏ ଓ ସେମାନେ ସାହାସ ହରାଇ ବସିଥାନ୍ତି । **ସୁତରାଂ ଏହି ଦୃଷ୍ଟିରୁ ତାହାକୁ ବଧ କରିବା କୌଣସି ଆପତ୍ତି ଯୋଗ୍ୟ ବିଷୟ ନୁହେଁ ।**

ଶକ୍ ଦୁର୍ଗ ଦୁଇଟି ଦୁର୍ଗର ସମାହାର ଥିଲା । ସର୍ବପ୍ରଥମେ ହୁଜୁର[ସ.ଅ] ଉବି ଦୁର୍ଗ ଆଡ଼କୁ ଅଗ୍ରସର ହୋଇଥିଲେ ଏବଂ ଏକ ପାହାଡ଼ ଉପରେ ଛିଡ଼ା ହୋଇ ଦୁର୍ଗବାସୀଙ୍କ ସହିତ ଯୁଦ୍ଧ ଲଢ଼ିଥିଲେ । ପ୍ରାରମ୍ଭରେ ଉଭୟ ପକ୍ଷ ମଧରେ ସାମାନ୍ୟ ମୁହାଁମୁହିଁ ହେଲା । ହଜରତ ହବାବ ବିନ୍ ମୁନଜିର୍ ଓ ଶତ୍ରୁ ପକ୍ଷରୁ ଜଣେ ସୈନିକ ମଧରେ ସଂଘର୍ଷ ହେଲା ଓ ଅବୁ ଦୁଜାନାଃ ମଧ ଏହି ଅବସରରେ (ଶତ୍ରୁପକ୍ଷ ସହିତ) ସଂଘର୍ଷ କରିଥିଲେ । ଏଥିରେ ମୁସଲମାନମାନଙ୍କୁ ସଫଳତା ଲାଭ ହୋଇଥିଲା ତେଣୁ ପ୍ରତିପକ୍ଷ ପତିତ ହୋଇଗଲା । ଏଥିରେ ମୁସଲମାନମାନେ ଆଗକୁ ବଢ଼ି ଚାଲିଲେ ଏବଂ ଦୁର୍ଗ ଉପରେ ଚଢ଼ାଉ କରିଦେଲେ । ପ୍ରତିବଦଳରେ ୟହୁଦିମାନେ ମୁସଲମାନମାନଙ୍କ ଉପରୁ ଭୀଷଣ ତୀର ବର୍ଷଣ କଲେ । ମୁସଲମାନମାନେ ମଧ ସେମାନଙ୍କ ଉପରକୁ ତୀର ନିକ୍ଷେପ କଲେ କିନ୍ତୁ ଯେହେତୁ ଶତ୍ରୁ ଦୁର୍ଗର ଗମ୍ବୁଜରୁ ତୀର ବର୍ଷଣ କରୁଥିଲା, ତେଣୁ ଏଥିରେ ମୁସଲମାନମାନଙ୍କୁ କ୍ଷତି ପହଞ୍ଚିଲା । ଜଣା ଯାଉଛି ୟହୁଦିମାନେ ବିଶେଷ ଭାବରେ ସେହି ଭାଗ ଉପରେ ଆକ୍ରମଣ କରିବାକୁ ଚାହୁଁଥିଲେ, ଯେଉଁସ୍ଥଳେ ପୁଣ୍ୟଶ୍ଳୋକ [ସ.ଅ]ଙ୍କର ଛାଉଣି ରହିଥିଲା । ହୁଜୁର[ସ.ଅ] ସାହାବାଙ୍କ ସହିତ ଉପସ୍ଥିତ ଥିଲେ ଯେ, ଗୋଟିଏ ତୀର ଆସି ଆପଣ [ସ.ଅ]ଙ୍କ ବସ୍ତ୍ରରେ ବାଜିଲା । ଆଉ ଏକ ବର୍ଣ୍ଣନାନୁଯାୟୀ ଆପଣ ସେହି ତୀର ଦ୍ୱାରା ଆଘାତିତ ହୋଇଥିଲେ । ଏଥିରେ ହୁଜୁର[ସ.ଅ] ମୁଠାଏ ମାଟି ଉଠାଇ ଶତ୍ରୁ ଉପରକୁ ଫିଙ୍ଗିଲେ । ଯଦ୍ୱାରା ସେମାନଙ୍କ ଦୁର୍ଗ ପ୍ରକମ୍ପିତ ହେବାକୁ ଲାଗିଲା, ଏପରିକି ମୁସଲମାନମାନେ ୟହୁଦିମାନଙ୍କୁ ଧରିନେଲେ ।

ତା'ପରେ ମୁସଲମାନମାନେ ଅଧିକ ତିନିଗୋଟି ଦୁର୍ଗର ଘେରାଉ କଲେ ଓ ସେଗୁଡ଼ିକୁ ଜୟ କରିନେଲେ । ସେଥି ମଧରେ କମୁସ୍ ଦୁର୍ଗ ବିଶେଷ ଭାବରେ ଏକ ସୁଦୃଢ଼ ଦୁର୍ଗ ଥିଲା । ମହାଭାଗ ୧୪ଦିନ ପର୍ଯ୍ୟନ୍ତ ସେଗୁଡ଼ିକର

ଘେରାଉ କରି ରଖିଥିଲେ ଏବଂ ଶେଷରେ ଚୂଡ଼ାନ୍ତ ନିଷ୍ପତ୍ତି ନେଲେ ଯେ, ୟହୁଦିମାନଙ୍କ ଉପରକୁ ମନ୍‌ଜନିକ୍ (ଏକ ପ୍ରକାର ତୋପ) ବ୍ୟବହାର କରାଯାଉ । ଅର୍ଥାତ୍ ତୋପ ମାଧ୍ୟମରେ ଶତ୍ରୁ ଉପରକୁ ପଥର ନିକ୍ଷେପ କରାଯାଉ । ଏହା ଫଳରେ ଯେତେବେଳେ ୟହୁଦିମାନଙ୍କୁ ନିଜ ନିପାତ ହୋଇଯିବା ସ୍ପଷ୍ଟ ଦୃଶ୍ୟମାନ ହେଲା ସେତେବେଳେ ସେମାନେ ମହାଭାଗଙ୍କ ସହିତ ସନ୍ଧି କରିବା ପ୍ରତି ମନ ବଳାଇଲେ । ତେବେ ୟହୁଦିମାନେ ଅସ୍ତ୍ର ବିରତ କରିବା ସର୍ତ୍ତରେ ସନ୍ଧି ସ୍ଥାପନ ହୋଇଗଲା । ଏହି ଅବସରରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ୟହୁଦିମାନଙ୍କ ସହିତ ବେଶ୍ କୋହଳତା ଓ ନମ୍ର ଆଚରଣ ଅବଲମ୍ବନ କରିଥିଲେ ।  ସହି ବୁଖାରୀର ବର୍ଣ୍ଣନାନୁଯାୟୀ ହୁଜୁର[ସ.ଅ] ଖୈବର୍ ଅଞ୍ଚଳ ୟହୁଦିମାନଙ୍କୁ ପ୍ରଦାନ କରିଦେଲେ ଯେ, ସେମାନେ ସେହିସ୍ଥଳେ ଚାଷବାସ କରନ୍ତୁ ଏବଂ ସେଥିରୁ ଯାହା ଉତ୍ପାଦନ କରିବେ ତାହାର ଅର୍ଦ୍ଧେକାଂଶର ସେମାନେ ମାଲିକ ହେବେ । ଏହି ଯୁଦ୍ଧରେ ମୋଟ ୧୭ଜଣ ସାହାବି ଶହିଦ୍ ହୋଇଥିଲେ ।

ଇତିହାସ ଓ ଜୀବନୀର ପୁସ୍ତକଗୁଡ଼ିକରେ ଉଲ୍ଲେଖ ରହିଛି, ଖୈବର୍ ବିଜୟ ପରେ ଯେତେବେଳେ ମୁସଲମାନ ଓ ୟହୁଦିଙ୍କ ମଧ୍ୟରେ ସନ୍ଧି ସ୍ଥାପନ ହୋଇଗଲା ସେତେବେଳେ ଲୋକମାନେ କନାନା ଓ ତାହାର ଭାଇ ରବିକୁ ହୁଜୁର [ସ.ଅ]ଙ୍କ ନିକଟକୁ ନେଇ ଆସିଲେ । କନାନା ସମଗ୍ର ଖୈବର୍ ଅଞ୍ଚଳର ଜଣେ ପ୍ରତିପତ୍ତିଶାଳୀ ଓ ଧନାଢ଼୍ୟ ବ୍ୟକ୍ତି ଥିଲା ଏବଂ ସେ ହଜରତ ସଫିୟା [ର.ଅ]ଙ୍କର ସ୍ୱାମୀ ମଧ୍ୟ ଥିଲା । ଆଉ ରବି ତା’ ଚଚା ପୁଅ ଭାଇ ଥିଲା । କନାନା ନିକଟରେ ବନୁ ନଜିର୍ କବିଲାର ସରଦାର ହଈ ବିନ୍ ଅଖତବ୍‌ର ଭଣ୍ଡାର ଘର ରହିଥିଲା । ଯେଉଁଥିରେ ସୁନା, ରୂପା ଓ ଆଭୂଷଣମାନ ରହିଥିଲା । ନବୀଶ୍ରେଷ୍ଠ ସେ ଦୁହିଁଙ୍କୁ ଉକ୍ତ ଭଣ୍ଡାର ଘର ସଂକ୍ରାନ୍ତରେ ପଚାରିଲେ, କିନ୍ତୁ ସେ ଦୁହେଁ ସେହି ପ୍ରସଙ୍ଗରେ ନିଜ ଅଜ୍ଞତା ପ୍ରକାଶ କଲେ । ଏଥିରେ ହୁଜୁର[ସ.ଅ] ତାଙ୍କୁ କହିଲେ; ଯଦି ତୁମେ ମୋତେ ସେଥି ସଂକ୍ରାନ୍ତରେ କିଛି ଗୋପନ ରଖିଲ ଏବଂ ପରବର୍ତ୍ତୀ ସମୟରେ ତାହା ଜଣା ପଡିଲା ତେବେ ତୁମର ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ଉପରେ କୌଣସି ଅଧିକାର ରହିବ ନାହିଁ । ଇତିହାସ ଓ ଜୀବନୀର ପୁସ୍ତକାନୁଯାୟୀ ତା’ପରେ ହୁଜୁର[ସ.ଅ] ଜଣେ ସାହାବିଙ୍କୁ କିଛି ଚିହ୍ନର ସୂଚନା ଦେଇ ପ୍ରେରଣ କଲେ । ଆଉ ସେହି ସାହାବି ଜଣକ ଉକ୍ତ ଧନରତ୍ନ ଧରି ଆସିଲେ । ଯାହାର ମୂଲ୍ୟ ସେତେବେଳର ମୁଦ୍ରା ଅନୁଯାୟୀ ଦଶ ହଜାର ଆକଳନ କରାଗଲା । ସେଥିଅନ୍ତେ କନାନା ଓ ତାହାର ଭାଇ ରବିକୁ ହତ୍ୟା କରିଦିଆଗଲା । ଆଉ କେତେକ ବର୍ଣ୍ଣନାନୁଯାୟୀ କନାନାକୁ ଚକମାକ୍ ପଥରମାନ ଦ୍ୱାରା ଅଗ୍ନି ସଂଯୋଗ କରାଯାଇ ଥିବାର ଉଲ୍ଲେଖ ମିଳୁଅଛି ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଏହି ଘଟଣା ସଂକ୍ରାନ୍ତରେ ଭିନ୍ନ ଭିନ୍ନ ବର୍ଣ୍ଣନାଗୁଡ଼ିକର ଆଲୋଚନା କରିବା ପରେ ତାହାର ସାମୂହିକ ଚର୍ଚ୍ଚା କରି, ଉକ୍ତ ବର୍ଣ୍ଣନା ବିପରୀତ ପ୍ରକୃତ ଘଟଣାର ସତ୍ୟାସତ୍ୟ ଏବଂ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ନମ୍ର ଆଚରଣ ଠାରୁ (ଏହି ବର୍ଣ୍ଣନା) ବହୁ ଦୂରରେ ବୋଲି, ଦର୍ଶାଇଲେ । ଆପଣ କହିଲେ; ଏହିସ୍ଥଳେ ମଧ୍ୟ ଆପତ୍ତିକାରୀମାନେ ଓ ପବିତ୍ର ଅବତାରଙ୍କ ବ୍ୟକ୍ତିତ୍ୱ ଉପରେ ଆଙ୍ଗୁଠି ଉଠାଇଛନ୍ତି । ଯେ ହୁଜୁର [ସ.ଅ]ଙ୍କର ଧନସମ୍ପତ୍ତି ପ୍ରତି ଲୋଭ ଓ ଆସକ୍ତି ରହିଥିଲା । ପୁନଶ୍ଚ ଏହା ମଧ୍ୟ ପ୍ରକାଶ କରିବା ଉଚିତ୍ ଯେ, ଆପଣ ନଉଜୁବିଲ୍ଲାଃ କିଭଳି କିଭଳି ଅନ୍ୟାୟ ଓ ଅତ୍ୟାଚାର କରିବାରୁ ବାରଣ କରୁଥିଲେ । ହୁଜୁର [ସ.ଅ]ଙ୍କ ଜୀବନୀ ତ ଏକ ଖୋଲା ବହି ସଦୃଶ, ଆପଣ ତ ରଣକ୍ଷେତ୍ରରେ ଓହ୍ଲାଇବା ପୂର୍ବରୁ ସାହାବାମାନଙ୍କୁ ଏହି ନିର୍ଦ୍ଦେଶ ଓ ଉପଦେଶ ଦେଉଥିଲେ କି କୌଣସି ଶିଶୁ ଅବା ମହିଳାଙ୍କୁ ହତ୍ୟା କରିବ ନାହିଁ । ଏପରିକି କୌଣସି ବୃକ୍ଷ ମଧ୍ୟ ଅକାରଣରେ କାଟିବ ନାହିଁ । ଦେଖ ଯେ ପଶୁମାନଙ୍କର ବେଦନା ଦେଖିପାରୁ ନଥିଲେ, ସେ ମନୁଷ୍ୟ ଉପରେ ବା କିପରି ଅତ୍ୟାଚାର କରିପାରିବେ ? ଏହିପରି ଯୁଦ୍ଧରୁ ଜୟ କରିଥିବା ଧନସମ୍ପତ୍ତି ପାଇଁ ଯୁଦ୍ଧ କରିବା ମଧ୍ୟ ଆପଣ [ସ.ଅ]ଙ୍କ ଉପରେ ଏକ ଭିତ୍ତିହୀନ ଆପତ୍ତି । ଖୈବର୍ ତ ଏପରି ଏକ ଯୁଦ୍ଧ ଥିଲା, ଯାହା ଅଭିମୁଖେ ପ୍ରସ୍ଥାନ କରିବା ପୂର୍ବରୁ ହୁଜୁର[ସ.ଅ] ଏହି ଘୋଷଣା କରିଦେଇଥିଲେ ଯେ ଧନସମ୍ପତ୍ତି ଅର୍ଜନ କରିବା ଆଶାରେ ଯୁଦ୍ଧରେ ସାମିଲ ହେବାକୁ ଚାହୁଁଛି, ସେ ଆମମାନଙ୍କ ସହିତ ନଆସୁ । ଯେଉଁ ପବିତ୍ର ଅବତାରଙ୍କର ଏପରି ଶୁଦ୍ଧପୂତ ଆଚରଣ ରହିଥିବ ତାହା ସଂକ୍ରାନ୍ତରେ ଯଦି ଏପରି କୌଣସି ଅପ୍ରୀତିକର

ବର୍ଣ୍ଣନା ଦୃଷ୍ଟିଗୋଚର ହୁଏ ତେବେ ନ୍ୟାୟ ଏହିକି ଯେ, ତାହାକୁ ଧ୍ୟାନ ପୂର୍ବକ ଦେଖନ୍ତୁ ଏବଂ ତାହାର ସ୍ପଷ୍ଟିକରଣ ଓ ସାମଞ୍ଜସ୍ୟ ରକ୍ଷା କରିବାକୁ ଚେଷ୍ଟା କରନ୍ତୁ । **ନବୀଶ୍ରେଷ୍ଠ ହଜରତ ମୁହମ୍ମଦ**ସ.ଅ **ଯେ ନ୍ୟାୟ ଓ ନୀତିନିୟମର ସାକ୍ଷାତ ଦେବ ପ୍ରତିମା ତଥା ଧ୍ୱଜା ବାହକ ଥିଲେ ।** ଆପଣ ସ.ଅଙ୍କ ପ୍ରତି ଏପରି ଘୃଣ୍ୟ କାର୍ଯ୍ୟ ଅନୁମୋଦିତ କରିବା କିପରି ନ୍ୟାୟସଙ୍ଗତ ।

ମହାମହିମ ହୁଜୁର ଅନଓ୍ୱରଅ.ବ ପାଶ୍ଚାତ୍ୟ ଇତିହାସବିତ୍‌ଙ୍କ ଆପତ୍ତିଗୁଡ଼ିକ ଉପରେ ବର୍ଣ୍ଣନାଗୁଡ଼ିକର ଅଭ୍ୟନ୍ତରିଣ ସାକ୍ଷ୍ୟଗୁଡ଼ିକୁ ସମ୍ମୁଖରେ ରଖି ଆଲୋଚନା କଲେ ଏବଂ ବାସ୍ତବିକ ଘଟଣା ବିପରୀତ ସେହି ବର୍ଣ୍ଣନାଗୁଡ଼ିକୁ ଭୁଲ ପ୍ରମାଣିତ କଲେ । ଅଲ୍ଲାମା ଶିବ୍‌ଲି ନୁମାନୀ ମଧ୍ୟ ସେହି ବର୍ଣ୍ଣନାଗୁଡ଼ିକୁ ବେଶ୍ ଦୃଢ଼ତାର ସହିତ ଖଣ୍ଡନ କରିଛନ୍ତି । ଏହିପରି କନାନାକୁ ହତ୍ୟା କରିବାର କାରଣ ଏହା ଦର୍ଶା ଯାଇଛି ଯେ, ସେହି ବ୍ୟକ୍ତି ମେହମୁଦ୍ ବିନ୍ ମୁସେଲମାଃ ର.ଅଙ୍କୁ ଶହିଦ୍ କରିଥିଲା । ତେଣୁ ହୁଜୁର ସ.ଅଙ୍କ ନିର୍ଦ୍ଦେଶକ୍ରମେ ମୁହମ୍ମଦ ବିନ୍ ମୁସେଲମାଃର.ଅ ନିଜ ଭାଇ ମେହମୁଦ୍‌ଙ୍କର ପ୍ରତିଶୋଧ ସ୍ୱରୂପ କନାନାକୁ ହତ୍ୟା କରିଥିଲେ ।

ଚଳିତ ଯୁଗର ଜଣେ ଅହେମଦି ଲେଖକ ସୟଦ ବରକାତ୍ ଅହେମଦ ସାହେବ ନିଜ ପୁସ୍ତକ "ରସୁଲୁଲ୍ଲାଃସ.ଅ ଓ ୟହୁଦି ହିଜାଜ୍"ରେ ଉଲ୍ଲେଖ କରିଛନ୍ତି, ଇବ୍‌ନେ ଇସହାକ୍ ବିନା କୌଣସି ପ୍ରାମାଣ୍ୟ ଆଧାରରେ ଏହି ଘଟଣା ବର୍ଣ୍ଣନା କରିଦେଇଛନ୍ତି । **ପ୍ରଥମତଃ** କୌଣସି ଶାସ୍ତି ଓ ତାହା ମଧ୍ୟ ନିଆଁର ଶାସ୍ତି ଦେବା ଇସଲାମୀୟ ଶିକ୍ଷା ବିରୁଦ୍ଧିୟ । **ଦ୍ୱିତୀୟତଃ** ସମଗ୍ର ଖୈବର୍ ଅଞ୍ଚଳରୁ ଅର୍ଜିତ ଧନସମ୍ପତ୍ତିରେ ଏହି ଧନରତ୍ନର କୌଣସି ସ୍ଥଳେ ବର୍ଣ୍ଣନା ମିଳୁ ନାହିଁ । ନା ହିଁ ତାହା ମୁସଲମାନମାନଙ୍କ ବୈତୁଲ୍ ମାଲ୍ (ଭଣ୍ଡାର ଘରେ) ଗଚ୍ଛିତ ହୋଇଥିବାର ବର୍ଣ୍ଣନା ମିଳୁଅଛି ।

ମହାମାନ୍ୟ ହୁଜୁର ଅନଓ୍ୱରଅ.ବ କହିଲେ; ଏହା ହେଉଛି ବାସ୍ତବିକତା, ଏହି ଘଟଣାଚକ୍ର ଆସନ୍ତାରେ ମଧ୍ୟ ଜାରି ରହିବ । ଏହିସ୍ଥଳେ ଉକ୍ତ ଘଟଣାମାନ ମଧ୍ୟରେ ଜଣେ ୟହୁଦି ମହିଳାଙ୍କ ଘଟଣା ମଧ୍ୟ ବର୍ଣ୍ଣିତ ରହିଛି । ଯେ ମହାଭାଗଙ୍କୁ ଖାଦ୍ୟରେ ବିଷ ମିଶାଇ ଦେଇଥିଲା ଏବଂ ଆପଣ ସ.ଅଙ୍କ ସଂକ୍ରାନ୍ତରେ ଏପରି ଭୟଙ୍କର ଷଡ଼ଯନ୍ତ୍ର ରଚିଥିଲା । କିନ୍ତୁ ଅଲ୍ଲାଃତାଲା ନିଜ ପ୍ରିୟ ଅବତାରଙ୍କୁ ତାହାର ଦାଉରୁ ସୁରକ୍ଷିତ ରଖିଥିଲେ । ଯେହେତୁ ତାହା ଏକ ସୁଦୀର୍ଘ ଘଟଣା ତାହାର ବ୍ୟାଖ୍ୟା ଇନ୍‌ଶାଅଲ୍ଲାଃ ଆସନ୍ତାରେ ଆଲୋଚନା କରିବି । ପରିଶେଷରେ ମହାମହିମ ହୁଜୁର ଅନଓ୍ୱରଅ.ବ ଶ୍ରୀମାନ ମାଷ୍ଟର ମନସୁର୍ ଅହେମଦ ସାହେବ କାହ୍‌ଲୁଁ ଅଷ୍ଟ୍ରେଲିୟା ନିବାସୀ ପୁତ୍ର ଶ୍ରୀମାନ ଶରିଫ୍ ଅହେମଦ ସାହେବ କାହ୍‌ଲୁଁଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ତାଙ୍କର ନମାଜ ଜନାଯାଃ ଗାଏବ ପାଠ କରିବା ତଥା ବୈକୁଣ୍ଠରେ ତାଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ଓ ତାଙ୍କ ପାଇଁ କ୍ଷମା ପ୍ରାର୍ଥନା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

14th February 2025

*Translated to Odia by :* Moulavi Anwar Ahmad Khan